## ସଂକ୍ଷେପରେ

### ରାମ ମନ୍ଦିରରେ ଚାରାରୋପଣ



**ବ୍ରହ୍ମପୁର ଅଫିସ,୨।୪:** ଗୋଇଲୁଣ୍ଡି ସ୍ଥିତ ରାମ ମନ୍ଦିରଠାରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା, ସ୍ଥାନୀୟ କର୍ପୋରେଟର ଟି. ତ୍ରିପତି ପାତ୍ର ଅତିଥି ଭାବେ ଯୋଗ ଦେଇ ଚାରା ରୋପଣ କରିଥିଲେ। ୨୦ଟି ଉପାଦେୟ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୈଳାସ ପଟ୍ଟନାୟକ, ବଳରାମ ପାତ୍ର, ଜନାର୍ଦ୍ଦନ ପାତ୍ର ଓ ସନ୍ତୋଷ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତ ବିକାଶ ପରିଷଦ ବୈଠକ

**ବ୍ରହ୍ମପୁର ଅଫିସ,୨।୪:** ଭାରତ ବିକାଶ ପରିଷଦ ବ୍ରହ୍ମପୁର ଶାଖା ପକ୍ଷରୁ ଏକ ବୈଠକ ରବିବାର ଇଞ୍ଜିନିୟରିଂ ସ୍କୁଲ ନିକଟସ୍ଥ ପଣ୍ଡା କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ରାଜ୍ୟ ସଭାପତି ସତ୍ୟବାଦୀ ଦାଶ, ରାଜ୍ୟ ସମ୍ପାଦକ ପ୍ରଦୀପ୍ତ କିଶୋର ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ନୂତନ ସଭାପତି ଭାବେ ଇଂ. ସୀମାଞ୍ଚଳ ଦାଶ, ଶାଖା ସମ୍ପାଦକ ପ୍ରସନ୍ନ କୁମାର ଛୋଟରାୟ ଓ କୋଷାଧକ୍ଷ ଇଂ.ଉମା ପ୍ରସାଦ ପାତ୍ର ମନୋନୀତ ହୋଇଥିଲେ। ଉପସଭାପତି ଭାବେ ଜଗନ୍ନାଥ ପାଣିଗ୍ରାହୀ, ଡ ସୁବାଷ ସାହୁ, ଜେ. ସତ୍ୟନାରାୟଣ ସୁବୁଦ୍ଧିଙ୍କୁ ଚୟନ କରାଯାଇଥଲା। ମୁଖ୍ୟ ଅତିଥି ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ନଡ଼ିଆ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨।୪:** ନଡିଆ ଗଛରୁ ପଡି ଗୁରୁତର ଥିବା ଜଣେ ଯୁବକଙ୍କୁ ଶନିବାର ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସଦର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଦୀପକ ଦାସ(୨୨)। ସଦର ଥାନାରେ ଏନେଇ ଅଭିଯୋଗ କରାଯାଇଥିଲେ ମଧ ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ଶନିବାର ବ୍ୟବଚ୍ଛେଦ ହୋଇପାରି ନ ଥିଲା। ମୃତଦେହ ସଂରକ୍ଷଣ କକ୍ଷରେ ରଖାଯାଇଥିଲା। ରବିବାର ଯୁବକଙ୍କ ମୃତଦେହ ଜବତ କରି ପୋଲିସ ୮/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଦୀପକ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଶନିବାର ଗାଁରେ ଦଣ୍ଡନାଚ ହେଉଥିଲା। ସେ ଦଣ୍ଡୁଆଙ୍କ ପାଇଁ ନଡ଼ିଆ ତୋଳିବାକୁ ଗଛରେ ଚଢ଼ିଥିଲେ। ଗଛ ଚଢୁଥିବା ବେଳେ ଅସାବଧାନତା ଯୋଗୁ ତାଙ୍କ ଗୋଡ ଖସି ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ଦୁଇ ନାବାଳକ ଜେଜେବିରେ ହାଜର

## ଦଣ୍ଡନାଚ ପ୍ରସାଦ ସେବନ ବେଳେ ଆକ୍ରମଣ ଘଟଣା

ବ୍ରହ୍ମପୁର ଅଫିସ,୨।୪

ବ୍ରହ୍ମପୁର ଶ୍ରୀରାମନଗରରେ ଗତ ୨୭ରେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିଲା। ବଡବଜାର ପୋଲିସ ଏହି ମାମଲାରେ ସମ୍ପୃକ୍ତ ୨ ନାବାଳକଙ୍କୁ ଧରିଥିଲା। ମାମଲା ନମ୍ବର ୯୫/୨୩ ରେ ସେମାନଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ (ଜେଜେବି)ରେ ହାଜର କରିଥିଲା। ପରେ ସେମାନଙ୍କୁ ଜେଜେବିଙ୍କ ନିର୍ଦ୍ଦେଶରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଗତ ୨୭ ତାରିଖରେ ଶ୍ରୀରାମନଗର ୪ର୍ଥ ଲାଇନରେ ଦଣ୍ଡନାଚ ହୋଇଥିଲା। ବିଳମ୍ବିତ ରାତିରେ ଦଣ୍ଡୁଆମାନେ ପ୍ରସାଦ ସେବନ କରୁଥିଲେ। ସେଠାରେ କେତେକ ଦୁର୍ବୃତ୍ତ ଧସେଇ ପଶିଥିଲେ। ମୁନା ମହାନ୍ତି ସେମାନଙ୍କୁ ଜୋତା ପିନ୍ଧି କାହିଁକି ଭିତରକୁ ଆସୁଛ ବୋଲି ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ। ମୁନା ଏହାର ପ୍ରତିବାଦ କରିଥିଲେ। ଦୁର୍ବୃତ୍ତମାନେ ଖଣ୍ଡାରେ ମୁନାଙ୍କ ମୁଣ୍ଡ ଓ ହାତରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ମୁନାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପୋଲିସ ମଧ ସେଠାରେ ପହଞ୍ଚିଥିଲା। ପରେ ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରାଯାଇଥିଲା।

# ସ୍ରୋତସ୍ୱିନୀ ସାହିତ୍ୟ ସଂସଦ ଲୋକାର୍ପଣ ଉତ୍ସବ




ଲୋକାର୍ପଣ ଉତ୍ସବରେ ଅତିଥିଙ୍କ ଉଦ୍‌ବୋଧନ।

ବ୍ରହ୍ମପୁର ଅଫିସ,୨।୪

ସ୍ରୋତସ୍ୱିନୀ ସାହିତ୍ୟ ସଂସଦ ଲୋକାର୍ପଣ ଉତ୍ସବ ଉତ୍କଳ ଆଶ୍ରମ ଭାଷା ଭବନରେ ଅନୁଷ୍ଠିତ ହୋଇଯାଇଛି। ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସାହିତ୍ୟର ପ୍ରସାର ତଥା ସାହିତ୍ୟ ସଂସଦର ଭୂମିକା ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ତଥା ବରିଷ୍ଠ ସାହିତ୍ୟିକ ଯାମିନୀ କାନ୍ତ ଦାସ ଓ ଡାକ୍ତର ତଥା କବି ରାଜେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କବୟିତ୍ରୀ, କବି ଓ ସାହିତ୍ୟିକ ଯୋଗ ଦେଇଥିଲେ। ଏହି ଅବସରରେ ୭ ଜଣ ବରିଷ୍ଠ କବି, କବୟିତ୍ରୀ, ଲେଖକ ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବ୍ରହ୍ମପୁର ତଥା ଗଞ୍ଜାମ ଜିଲାରେ ଥିବା ଅନ୍ୟ ୧୭ ସାହିତ୍ୟ ସଂସଦକୁ ସେମାନଙ୍କ ଅବଦାନ ସକାଶେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କବି ଓ ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ପାଦିକା ସୁଜାତା ଶତପଥୀ ଲୋକାର୍ପଣ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅସ୍ତ୍ରୋପଚାର ପରେ ମଳ ଦ୍ୱାରରୁ ବାହାରିଲା ଶାବଳ

## ଜାନୁ ହାଡ଼ର ଅସ୍ତ୍ରୋପଚାର କରାଯିବ

ବ୍ରହ୍ମପୁର ଅଫିସ,୨।୪

କନ୍ଧମାଳ ଜିଲା କୋଟଗଡ଼ ବ୍ଲକ ଅନ୍ତର୍ଗତ ତଳସୁବର୍ଣ୍ଣପୁର ପ୍ରାଥମିକ ବିଦ୍ୟାଳୟରେ ମରାମତି କରୁଥିଲା ବେଳେ ଆଜବେଷ୍ଟସ ଖସିପଡ଼ିବାରୁ ନାବାଳକ ଶକ୍ତି ପାଟଗୁରୁ ପଡ଼ିଯାଇଥିଲେ। ତାଙ୍କ ମଳଦ୍ୱାରରେ ଏକ ଶାବଳ ପଶିଯାଇଥିଲା। ଶନିବାର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରାତି ପ୍ରାୟ ୮ଟାରେ ଅସ୍ତ୍ରୋପଚାର କରାଯାଇ ମଳଦ୍ୱାରରୁ ଶାବଳ ବାହାର କରାଯାଇଥିଲା। ସେ ବର୍ତ୍ତମାନ ସର୍ଜରୀ ବିଭାଗ ଆଇସିୟୁରେ ରହିଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର କହିଛନ୍ତି । ପଡିଯିବାରୁ ତାଙ୍କ ଜାନୁ ହାଡ଼ ଭାଙ୍ଗି ଯାଇଛି। ଏଣୁ ସେ ସୁସ୍ଥ ହେବା ପରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତରମାନେ ପୁଣିଥରେ ଅସ୍ତ୍ରୋପଚାର କରିବେ ବୋଲି ଡା.ଆଇ.ଗୋପାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ଅସ୍ତ୍ରୋପଚାର ସମୟରେ ଡା. ଏସ୍. ସଞ୍ଜୀବ ରାଓ, ଆସିଷ୍ଟାଣ୍ଟ ପ୍ରଫେସର ଡା. ମାନସ କୁମାର ନାୟକ, ସିନିୟର ରେସିଡେଣ୍ଟ ଡା. ଶୁଭଶ୍ରୀ ରଥ, ଜୁନିୟର ଡାକ୍ତର ସରୋଜ ଦାସ ଓ ଗୌତମ ତ୍ରିପାଠୀ ଉପସ୍ଥିତ ଥିଲେ।

# ମହିଳାଙ୍କ ସୁନାହାର ଝାମ୍ପିନେଲେ

ବ୍ରହ୍ମପୁର ଅଫିସ,୨।୪

ବ୍ରହ୍ମପୁର ସହରରେ ଏବେ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଦୁଇ ଜଣ ମହିଳାଙ୍କୁ ଧକ୍କା ମାରି ସେମାନଙ୍କ ବେକରୁ ସୁନାହାର ଝାମ୍ପି ନେଇଛନ୍ତି ଲୁଟେରା। ଏନେଇ ପୃଥକ ଭାବେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୫/୨୩ ଓ ୧୩୬/୨୩ ରେ ଦୁଇଟି ମାମଲା ରୁଜୁ କରିଛି। ଗତ ୩୦ ତାରିଖ ସନ୍ଧ୍ୟାରେ ଶାନ୍ତି କୁଞ୍ଜରେ ରହୁଥିବା ରଶ୍ମିତା ପାତ୍ର କୌଣସି କାମରେ ଡାକ୍ତରଙ୍କ ପାଖକୁ ଯାଇ ଘରକୁ ଫେରୁଥିଲେ। ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟ ନିକଟରେ ଦୁଇଜଣ ଲୁଟେରା ବାଇକରେ ଆସି ତାଙ୍କୁ ଧକ୍କା ମାରି ବେକରୁ ହାର ଝାମ୍ପି ନେଇଥିଲେ। ସେହିପରି ରାତ୍ର ପ୍ରାୟ ସାଢେ ୮ ଟା'ରେ ଗଜପତିନଗର ତୃତୀୟ ଲାଇନରେ ରହୁଥିବା ରୀତାଞ୍ଜଳି ପାତ୍ର ଭେଣ୍ଡିଂଜୋନରୁ ମାର୍କେଟ କରି ଘରକୁ ଫେରୁଥିଲେ। ଏସ୍‌ପି ଅଫିସ ସମ୍ମୁଖରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଧକ୍କା ମାରି ୨ ଭରି ଓଜନର ସୁନା ହାର ଝାମ୍ପି ଚମ୍ପଟ ମାରିଥିଲେ।

# ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ,୨।୪




ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟବୃନ୍ଦ।

ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ରବିବାର ଗଞ୍ଜାମ କଳା ପରିଷଦ ସଭା ଗୃହରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଡ. ସୁଜିତ କୁମାର ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ଘୁମୁସର, ଜରଡା ଓ ବୁଢ଼ାର ସିଂହ ରାଜବଂଶର ଇତହାସକୁ ଅଧ୍ୟୟନ କରିବା ଆବଶ୍ୟକ। ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ଦାଶ ଅନାଲୋଚିତ, ଅବଲୁପ୍ତ ଓ ଅବହେଳିତ ବ୍ୟକ୍ତି ଏବଂ ପୀଠକୁ ଲୋକ ଲୋଚନକୁ ଆଣିବା ପାଇଁ ଉଦ୍ୟମ ସହ ଐତିହ୍ୟ, ସଂସ୍କୃତି ଓ ଭାଷା ସାହିତ୍ୟର ସମନ୍ୱୟ ରକ୍ଷା କରିବା ସାହିତ୍ୟ ସଂସଦର ମୌଳିକ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅଧିବେଶନରେ ସଂସଦ ସଭାପତି ବିଘ୍ନେଶ୍ୱର ସାହୁ ଓ ଗବେଷକ ରଙ୍ଗ ନାୟକ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ସାହିତ୍ୟ ଆସରର ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ ଅତିଥି ଭାବେ ମହାମାୟୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର, ସଂସଦ ସହ ସମ୍ପାଦିକା ସୌଦାମିନୀ ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ଭଗବାନ ଗୌଡ, ଭେଙ୍କଟ ବିହାରୀ ପ୍ରହରାଜ ଓ ବନ୍ଦନା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ପଲକ



@ ଅବିନାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା କ୍ରିକେଟ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ




ବୈଠକରେ ଉପସ୍ଥିତ କ୍ରିକେଟ ସଂଘର ସଦସ୍ୟ।

ବ୍ରହ୍ମପୁର ଅଫିସ,୨।୪

ଜିଲା କ୍ରିକେଟ ସଂଘ ପକ୍ଷରୁ ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ପାଣିଟାଙ୍କି ନିକଟସ୍ଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ ସଂଘ ସଦସ୍ୟ ଦୁର୍ଗାପ୍ରସାଦ ସାହୁ ବୈଠକ ପରିଚାଳନା କରିଥିଲେ। ଡିସେମ୍ବର ୨୨ରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ହାତକୁ ନିଆଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିବରଣୀ ପାଠ କରାଯାଇଥିଲା। ଏହା ସହ ଜିଲାରେ କ୍ରିକେଟ ବିକାଶ ତଥା ଆବଶ୍ୟକ ଭିତ୍ତିଭୂମି ବିକାଶ, କ୍ରୀଡ଼ାବିତ୍ କ'ଣସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଦାଲତର ନିର୍ଦ୍ଦେଶ କ୍ରମେ ଆଇନସମ୍ମତ ଭାବେ କ୍ରୀଡ଼ା ସଂଘ ପକ୍ଷରୁ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ଅଧ୍ୟକ୍ଷ ଭାବେ ଦେବଦତ୍ତ ସିଂଦେଓ, ସୁବ୍ରତ ସାହୁ, ଶିଶିର କୁମାର ଭୋଇ, ଉମାଶଙ୍କର ପାଢ଼ୀ, ଡବ୍ଲ୍ୟୁ.ଭି. ରାଜୁଙ୍କୁ ବିଭିନ୍ନ ଦାୟିତ୍ୱ ନିମନ୍ତେ ମନୋନୀତ କରାଯାଇଛି। ବୈଠକରେ ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# ୨ ନଂ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ

ବ୍ରହ୍ମପୁର ଅଫିସ,୨।୪

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୨ ନଂ ୱାର୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଦିଆଯାଇଛି। ଏଥିରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଓ ସ୍ଥାନୀୟ କର୍ପୋରେଟର ଏନ୍. ଆପା ରାଓ ଉପସ୍ଥିତ ଥିଲେ। ଉକ୍ତ ୱାର୍ଡରେ ୧୩ଟି ସାହି ସମେତ ମୁଖ୍ୟ ରାସ୍ତା ଓ ଡ୍ରେନ୍ ନିର୍ମାଣ ଏବଂ ମାଛ ମାର୍କେଟର ପୁନରୁଦ୍ଧାର କାର୍ଯ୍ୟ ହେବ। ଏଥିନିମନ୍ତେ ବିଏମସି ପକ୍ଷରୁ ୪ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଛି।



ଉନ୍ନୟନ କାର୍ଯ୍ୟ ନିମନ୍ତେ ଶୁଭ ଦିଆଯାଉଥିବା ବେଳେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୨।୪

ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ରବିବାର ଦ୍ୱିତୀୟ ଦିନରେ ଜୁନିୟର ସିନିୟର ବାଳିକା ଓ ବାଳକ ଏବଂ ମହିଳା ଓ ପୁରୁଷ ବର୍ଗରେ ୬୦୦ମିଟର, ୪୦୦ ମିଟର, ୧୫୦୦ମିଟର, ହାଇଜମ୍ପ, ଲଙ୍ଗଜମ୍ପ, ଶଟ୍‌ପୁଟ୍‌ରେ ୧୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ୬୦୦ମିଟର ବାଳିକା ବର୍ଗରେ ଡିଏଭି ସ୍କୁଲର ନିଧିଶ୍ରୀ, ଜିଭିଏସ୍ କଙ୍କିଆ ସ୍କୁଲର ଶ୍ରୀୟା ରାଇକା, କନ୍‌ଭେଣ୍ଟ ସ୍କୁଲର ସାନ୍‌ଭି ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଳକ ବର୍ଗରେ ଡିଏଭି କବିସୂର୍ଯ୍ୟନଗରର ସାଇ ପ୍ରସାଦ ଜେନା, ଜିଭିଏସ୍ କଙ୍କିଆର ୱିଲିୟମ ଭୂୟାଁ,ଡିଏଭି କବିସୂର୍ଯ୍ୟନଗରର ସ୍ୱାଧୀନ ଜେନା ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ପୁରୁଷ ଉଚ୍ଚ ଡିଆଁରେ କାହ୍ନୁ ଚରଣ ବିଷୋୟୀ, କେ.କାଳିଆ ରେଡ୍ଡୀ, ସିନ୍ଧୁ କୁମାର ପାତ୍ର, ବାଳକ ବର୍ଗରେ ଭୋଳା ଶଙ୍କର ସ୍ୱାଇଁ, ବିକ୍ରମ ମହାନ୍ତି, ସୋହମ୍ ବେହେରା, ଜାଭଲିନ ଥ୍ରୋ ବାଳିକାରେ



ବିଜୟୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ଦେଇ ସମ୍ମାନିତ କରାଯାଉଛି।

ବିସ୍ମିତା ହୋତା, ଏନା ଗମାଙ୍ଗ, ମୁସ୍କାନ ନାୟକ, ମହିଳାରେ ସସ୍ମିତା ମହାନ୍ତି, ସୁକାନ୍ତି ଦେବୀ, ଏମ୍. ଜ୍ୟୋତି, ୪୦୦ ମିଟର ଦୌଡ଼ ବାଳିକା ବର୍ଗରେ ପି.ସୁନୀତା ଦୋରା, ପଲ୍ଲବୀ ହୋତା, ଜି.ସ୍ୱପ୍ନା ରେଡ୍ଡୀ, ମହିଳା ବର୍ଗରେ ଲିଜା ମହାରଣା, ଭାରତୀ ମଲ୍ଲିକ, ପ୍ରତିଭା ହରପାଲ, ପୁରୁଷ ବର୍ଗରେ ଆର. ଧୀରେଶ ପ୍ରଧାନ, ରମେଶ ମହାପାତ୍ର, ବିକାଶ ସାମଲ, ବାଳକ ୧୬ ବର୍ଷରୁ କମ୍ ବର୍ଗରେ ଏମ୍. ଭମଶି କିରନ, ବିଶେଶ୍ୱରାୟ ତ୍ରିପାଠୀ, ଦିଲେଶ୍ୱର ନାୟକ, ୧୮ ବର୍ଷରୁ କମ୍ ବାଳକ ବର୍ଗରେ ମାନସ ସାହୁ, ଅନୀଶ କୁମାର ବିଷୋଇ, ବିଦ୍ୟାଧର ଗୌଡ଼ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ କୁମାର ସାହୁ ବିଭିନ୍ନ ବର୍ଗରେ ବିଜୟୀ ହୋଇଥିବା ୫୪ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୁଗ୍ମ ସମ୍ପାଦକ ତଥା କୋଚ ସୁରେନ୍ଦ୍ର କୁମାର ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନା କରିଥିଲେ। ବର୍ଷା ଯୋଗୁ ରବିବାର ହେବାକୁ ଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨।୪:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ପୋଲିସ କୁମେଲସିଂ ଗାଁରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପ୍ରବେଶ ଦିଗାଲଙ୍କୁ ଗିରଫ କରାଯାଇଛି। ଘରୁ ଗଞ୍ଜେଇ ଚାଲାଣ ପ୍ରସ୍ତୁତ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ନଂ.୫୩/୨୩ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରିତ କୁମାର ମୁନି ସୂଚନା ଦେଇଛନ୍ତି।

### ରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

**ଶେରଗଡ଼,୨।୪(ଡି.ଏନ୍.ଏ.):** ହରିକୃଷ୍ଣପୁର ଗ୍ରାମରେ ଗତ ନଅ ଦିନ ଧରି ଚାଲିଥିବା ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ରାମ ନବମୀ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରବଚକ ବିପ୍ର ଚରଣ ମିଶ୍ର ରାମ କଥାମୃତ ଭକ୍ତ ମାନଙ୍କୁ ଶ୍ରବଣ କରାଇ ଥିଲେ। ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରବଚନ ଶୁଣୁଥିଲେ। ଉଦ୍‌ଯାପିତ ଅବସରରେ ରାମାୟଣ ଗ୍ରନ୍ଥ ଗୁଡିକ ପୁଜାବିଧାନ କରାଯାଇ ଥିଲା ପରେ ପୋଥି ଗୁଡିକ ମୁଣ୍ଡରେ ଧରି ଗ୍ରାମ ପରିକ୍ରମା କରି ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତ୍ରୁଷ୍ଟି ମିଶ୍ର,ରଜନୀ କାନ୍ତ ତ୍ରିପାଠୀ, ସୁଧାକର ପାଢୀ, ମନୋଜ କୁମାର ମିଶ୍ରଙ୍କ ସମେତ ବହୁ ଭକ୍ତମାନେ ପ୍ରବଚନ ଶୁଣି ଥିଲେ।

### ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ କ୍ରିକେଟ୍ ମ୍ୟାଚ୍

**ଗଞ୍ଜାମ,୨।୪(ଡି.ଏନ.ଏ.):** ଓଡ଼ିଶା ଦିବସ ପାଳନ ଅବସରରେ ଗଞ୍ଜାମ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ୟୁଥ ଫର ଭିଲେଜ' ପକ୍ଷରୁ ପୋଇରାଶୀ ପଞ୍ଚାୟତର ତାରିଣୀପଲ୍ଲୀ ପଥର କୁଆଁରୀ ଖେଳ ପଡିଆରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଛି। ମ୍ୟାଚରେ ତାରିଣୀପଲ୍ଲୀ ଗ୍ରାମ ସଭାପତି ଚୈତନ୍ୟ ରେଡ଼ି, ୟୁଥ୍ ଫର୍ ଭିଲେଜ୍ ସଭାପତି କୈଳାଶ ସେଠୀ, ସମ୍ପାଦକ ସୁନିଲ ସେଠୀ, ଉପଦେଷ୍ଟା ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଦଳ ଓ ପରାଜିତ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହ ସମ୍ପାଦକ ବାବୁ ବିରଞ୍ଚି ନାରାୟଣ ନାହାକ, ଗଗନ କୁମାର ସାହୁ ଓ ଉପସଭାପତି ଜଗନ୍ନାଥ ସେଠୀ ପ୍ରମୁଖ ସଂଯୋଜନା କରିଥିଲେ।

### ଗ୍ରାମତରଙ୍ଗ ଫୁଡ୍ ଟେଷ୍ଟିଂ ଓ ଲାବୋରେଟୋରିଜ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୨।୪ (ଡି.ଏନ୍.ଏ):** ଓଡ଼ିଶା ଦିବସ ଉପଲକ୍ଷେ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗ୍ରାମତରଙ୍ଗ ଫୁଡ୍ ଟେଷ୍ଟିଂ ଓ ଲାବୋରୋଟୋରିଜ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷାଣୀ ବ୍ଲକ ଅଧକ୍ଷ ଏନ. ଭୀରରାଜୁ ଯୋଗଦେଇଥିବା ବେଳେ ସେଞ୍ଚୁରିୟନ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ଅଧାପକ ଡ. ସୁବା ରାଓ, ଅଧାପିକା ଡ. ପ୍ରିୟା ଭଦ୍ରା ମଧ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ଡିନ୍ (ପ୍ରଶାସନ) ଡ. ଏସ.ପି.ନନ୍ଦ, ନିର୍ଦ୍ଦେଶକ (ପ୍ରଶାସନ) ଡ.ଦୁର୍ଗା ପାଢ଼ୀ ପ୍ରମୁଖ ଯୋଗଦେଇଥିଲା। ମୁଖ୍ୟ ଅତିଥି ଶଙ୍କର ଜାତୀୟ ଶସ୍ୟ ଉତ୍ପାଦନ ସମ୍ପର୍କରେ ସମ୍ବୋଧନ କରିଥିଲେ। ଏହା ପୂର୍ବ ଭାରତରେ ପ୍ରଥମ ଫୁଡ ଟେଷ୍ଟିଂ ଲାବୋରେଟୋରି, ଯାହା ବିଭିନ୍ନ ଖାଦ୍ୟ ପଦାର୍ଥ ସମେତ ଗୋଖାଦ୍ୟ ଓ ମତ୍ସ୍ୟଖାଦ୍ୟର ପରୀକ୍ଷଣରେ ସହାୟକ ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ।

### ରକ୍ତ ପରୀକ୍ଷା ଶିବିର

**ଫୁଲବାଣୀ ଅଫିସ, ୨।୪:** ଫିରିଙ୍ଗିଆ ବ୍ଲକ ଦୁର୍ଗମ ଅଞ୍ଚଳ ସୁମରବନ୍ଧ ପଞ୍ଚାୟତର ସୁଲେ ଓ ସାଡିଙ୍ଗିଆ ପଞ୍ଚାୟତର ମିଙ୍ଗୁନପଦରଠାରେ ସାମୁହିକ ରକ୍ତ ନମୁନା ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମ୍ୟାଲେରିଆ ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କୁ ଚିକିତ୍ସା ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ବ୍ୟକ୍ତିଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଗାଁ କଲ୍ୟାଣ ସମିତି ମାଧମରେ ପାଣି ଜମୁଥିବା ଖାଲ ଖମାକୁ ପୋତି ଦେବା, ପରିବେଶ ସଫା ରଖିବା ଓ ଜଙ୍ଗଲ ଭ୍ରମଣ କରୁଥିବା ବେଳେ ସମ୍ପୂର୍ଣ୍ଣ ଶରୀରକୁ ପୋଷାକ ମାଧମରେ ଘୋଡାଇ ରଖିବାକୁ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଶିବିରରେ ମିଙ୍ଗୁନପଦର ବିଏସ୍‌ଏଫ୍ କ୍ୟାମ୍ପର ସମସ୍ତ ଜବାନ ସହଯୋଗ କରିବା ସହ ସେମାନଙ୍କର ମଧ ରକ୍ତ ନମୁନା ପରୀକ୍ଷା କରିଥିଲେ।

# ଯୋଗ୍ୟଙ୍କୁ ମିଳୁନି ରାସନ କାର୍ଡ

**ପାରଳାଖେମୁଣ୍ଡି, ୨।୪ (ଡି.ଏନ୍.ଏ)**


ରାସନ କାର୍ଡ ପାଇ ନଥିବା ହିତାଧିକାରୀ।

କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକମାନଙ୍କ ପାଇଁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଓ ଗହମ ଯୋଗାଇ ଦେଉଛନ୍ତି। ହେଲେ ଅନେକ ସ୍ଥାନରେ ଏହି ଯୋଜନାରେ ଅଯୋଗ୍ୟ ହିତାଧିକାରୀମାନେ ଫାଇଦା ପାଉଥିବା ବେଳେ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନଥିବା ଦେଖିବାକୁ ମିଳୁଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକରେ। କେତେକ ଗରିବ ପରିବାର ରାସନ କାର୍ଡ (ଖାଉଟି କାର୍ଡ)ଟିଏ ପାଇଁ ବାରମ୍ବାର ପ୍ରଶାସନ ଠାରେ ଗୁହାରି କରୁଥିଲେ ମଧ ତାଙ୍କୁ ଏହି କାର୍ଡ ମିଳିପାରୁନାହିଁ। ଫଳରେ ସେମାନେ ସରକାରଙ୍କ ଏହି ଯୋଜନାରେ ଚାଉଳ କି ଗହମ ପାଇପାରୁନାହାନ୍ତି।

ମୋହନା ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ଯୁବଗାଁର ପୂର୍ଣ୍ଣିମା ନାୟକ, ମଞ୍ଜୁଳା ନାୟକ ଓ ଅନ୍ୟ ଜଣେ ମଞ୍ଜୁଳା ନାୟକ ଏପରି ଅଭିଯୋଗ କରିଛନ୍ତି। ଏମାନଙ୍କ ପାଖରେ ରହିବା ପାଇଁ ଭଲ ଘରଟିଏ ମଧ ନାହିଁ। ସମସ୍ତେ ଝୁମ୍ପୁଡି ଘରେ ବସବାସ କରନ୍ତି। ପୂର୍ଣ୍ଣିମା ନାୟକ ମୂଲ ଲାଗୁଥିବା ବେଳେ ତାଙ୍କର ଦୁଇଟି ଛୋଟ ପୁଅ ଅଛନ୍ତି। ସ୍ୱାମୀ ନବିନା ଦାଦନ ଶ୍ରମିକ ଖଟିବା ପାଇଁ ମହାରାଷ୍ଟ୍ର ଯାଇଛନ୍ତି। ସେ ଯାହା ରୋଜଗାର କରି ଦେଉଛନ୍ତି ସେଥିରେ ପରିବାର ଚଳି ପାରୁନଥିବାରୁ ନିଜେ ମଧ ମୂଲ ଲାଗି ପରିବାର ପୋଷୁଥିବା କହିଛନ୍ତି। ସେହିଭଳି ମଞ୍ଜୁଳା ନାୟକଙ୍କ ଦୁଇଟି ଶିଶୁ ଥିବା ବେଳେ ଉଭୟ ସ୍ୱାମୀ ସ୍ତ୍ରୀ ମୂଲ ଲାଗି ଚଳନ୍ତି। ଅନ୍ୟଜଣେ ମଞ୍ଜୁଳାଙ୍କ ୪ ଟି ସନ୍ତାନ ଥିବାବେଳେ ଉଭୟ ସ୍ୱାମୀ ସ୍ତ୍ରୀ ମଧ ମୂଲ ଲାଗି ଚଳନ୍ତି। କିନ୍ତୁ ଏମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇନାହିଁ। ରାସନ କାର୍ଡ ପାଇବା ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ମଧ ଆଜି ଯାଏଁ ରାସନ କାର୍ଡ ପାଇନଥିବା ଅଭିଯୋଗ କରିଛନ୍ତି। ଏହିପରି ଅନେକ ଅନେକ ଗରିବ ହିତାଧିକାରୀ ଅଛନ୍ତି, ଯେଉଁମାନେ ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି। ଅପରପକ୍ଷରେ ଚନ୍ଦ୍ରଗିରି, ଲବାରସିଂ ଓ ଜିରାଙ୍ଗ ପଞ୍ଚାୟତରେ ବସବାସ କରୁଥିବା ତୀବତୀୟମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ବିଡିଓ, ଯୋଗାଣ ଅଧିକାରୀ ଓ ସରପଞ୍ଚମାନଙ୍କ ଉପସ୍ଥିତିରେ ସେମାନଙ୍କୁରାସନକାର୍ଡବଣ୍ଟନକରାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ତିନୋଟି ପଞ୍ଚାୟତରେ ୨୩୭ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇ ରାସନ କାର୍ଡ ବଣ୍ଟନ କରାଯାଇଛି। ସେମାନେ ବିଳାସପୂର୍ଣ୍ଣ ଜୀବନ ବିତାଉଥିବା ବେଳେ ସେମାନଙ୍କୁ ରାସନ କାର୍ଡ ବଣ୍ଟନ କରାଯାଉଥିବା ଅଭିଯୋଗ କରିଛନ୍ତି ଗରିବ ହିତାଧିକାରୀ। ତେବେ ଏ ନେଇ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀ କହିଛନ୍ତି, ବର୍ତ୍ତମାନ ରାଜ୍ୟ ସରକାର ନୂତନ ହିତାଧିକାରୀଙ୍କୁ ସାମିଲ କରିବା ନେଇ କୌଣସି ଯୋଜନା ହୋଇନାହିଁ। ଯେତେବେଳେ ଏହି ପ୍ରକ୍ରିୟା ଆରମ୍ଭ ହେବ ସେମାନଙ୍କୁ ନିଶ୍ଚିତ ଏହି ଯୋଜନାରେ ସାମିଲ କରାଯାଇ ରାସନ କାର୍ଡ ଯୋଗାଇ ଦିଆଯିବ।

# ୪ ଘର ଭାଙ୍ଗିଲା ଦନ୍ତା

**ଭଞ୍ଜନଗର,୨।୪(ଡି.ଏନ.ଏ)**



ତିନିଛକିଆରେ ଦନ୍ତା ହାତୀ ଏକ ଘରର କବାଟ ଭାଙ୍ଗୁଛି।

ଗଞ୍ଜାମ ଜିଲା ଘୁମୁସର ଉତ୍ତର ବନଖଣ୍ଡରେ ଏକ ଦନ୍ତାହାତୀ କିଛିଦିନ ହେବ କର୍ମଚାରୀ ଏବଂ ଲୋକଙ୍କ ନିଦ ହଜାଇ ଦେଲାଣି । ଦୁଇଦିନ ପୂର୍ବେ ଦନ୍ତା ମାଣପୁର ଗ୍ରାମରେ ଏକାଧିକ ଲୋକଙ୍କ ଘରର କବାଟ ଭାଙ୍ଗି ବ୍ୟାପକ ନଷ୍ଟ କରିଥିବା ବେଳେ ଶନିବାର ରାତିରେ ପୁଣି ତିନିଛକିଆରେ ୪ଟି ଘରର କବାଟ ଭାଙ୍ଗି ଜିନିଷପତ୍ର ଭଙ୍ଗାରୁଜା କରିଛି। ଏହି ସମୟରେ ଉକ୍ତ ୪ ପରିବାର ଲୋକେ ଭୟରେ ଘର ଭିତରେ ରହି ପାଟି କରୁଥିଲେ। ପରେ ପଡ଼ୋଶୀ ଉଠି ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ହାତୀ ତାର ତାଣ୍ଡବ ଜାରି ରଖିଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଯେଉଁ ଅଞ୍ଚଳରେ ବର୍ତ୍ତମାନ ହାତୀ ଏହିଭଳି ତାଣ୍ଡବ କରୁଛି ତାହା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ପ୍ରଥମ ଘଟଣା। ରବିବାର ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଗ୍ରାମକଣ୍ଠ ପଟ୍ଟା ବଣ୍ଟନ ମେଳା

**ଆସିକା,୨।୪(ଡି.ଏନ୍.ଏ.)**

ଆସିକା ତହସିଲ ଅଫିସ ପ୍ରାଙ୍ଗଣରେ ଶନିବାର ଏକ ଗ୍ରାମକଣ୍ଠ ପଟ୍ଟା ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା । ଆସିକା ଏମ୍‌ପି ପ୍ରମିଳା ବିଷୋୟୀ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ। ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପଞ୍ଚାୟତ ସମିତି ଅଧକ୍ଷା ତ୍ରିବେଣୀ ନାହାକ, ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁ, ବିଡିଓ ଫକୀର ଚରଣ ପରିଡ଼ା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ, ବ୍ଲକ ଉପାଧକ୍ଷା ରେଶ୍ମା ଦୋରା ପ୍ରମୁଖ ଯୋଗଦେଇଥିଲେ । ଆସିକା ତହସିଲର ସମୁଦାୟ ୬ହଜାର ୭ଶହଟି ଗ୍ରାମକଣ୍ଠ ମାମଲା ମଧ୍ୟରୁ ୫ହଜାର ୨ଶହ ୩୮ଟି ମାମଲାର ଫଇସଲା ହୋଇଛି ଏବଂ ସେଥିରୁ ୩ ହଜାର ୩ ଶହ ୨୮ଟି ପଟ୍ଟା ପ୍ରସ୍ତୁତ ହୋଇସାରିଛି। ତେବେ ଏହି କାର୍ଯ୍ୟକ୍ରମରେ ୧୧ଶହ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା ବେଳେ ପର୍ଯ୍ୟାୟକ୍ରମେ ମୋ ଗାଁରେ ତହସିଲ ଏବଂ ରାଜସ୍ୱ ରଥ କାର୍ଯ୍ୟକ୍ରମ ମାଧ୍ୟମରେ ଅବଶିଷ୍ଟ ପଟ୍ଟା ବଣ୍ଟନ କରାଯିବ ବୋଲି ତହସିଲଦାର ସାମନ୍ତରାୟ ସୂଚନା ଦେଇଛନ୍ତି ।

# ରବୀନ୍ଦ୍ର ମଣ୍ଡପରେ ମନମୋହିଲା ଗଜପତି ନୃତ୍ୟ


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ଦିବସରେ ନୃତ୍ୟ ପରିବେଷଣ କରିଥିବା ଗଜପତିର କଳାକାରମାନେ।

**ପାରଳାଖେମୁଣ୍ଡି, ୨।୪ (ଡି.ଏନ୍.ଏ)**

ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହରେ ନୃତ୍ୟ ପରିବେଷଣ କରି ଗଜପତି ଜିଲା ପାରଳାଖେମୁଣ୍ଡି କ୍ରିଏଟିଭ ଆର୍ଟସର କଳାକାରମାନେ ପ୍ରଶଂସା ସାଉଁଟିଛନ୍ତି। କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ବାଚସ୍ପତି, ଅନ୍ୟାନ୍ୟ ମନ୍ତ୍ରୀ ଓ ସଚିବମାନେ ଉପସ୍ଥିତ ଥିଲେ। ଓଡ଼ିଶାର ଏକ ମାତ୍ର ନୃତ୍ୟଦଳକୁ ଏହି କାର୍ଯ୍ୟକ୍ରମରେ ଆଦିବାସୀ ନୃତ୍ୟ ପରିବେଷଣ କରିବା ପାଇଁ ସୁଯୋଗ ଦିଆଯାଇଥିବା ବେଳେ ଅନ୍ୟ ଜିଲାରୁ ଆସିଥିବା କଳାକାର ଓଡ଼ିଶୀ ନୃତ୍ୟ ଓ ସୁଗମ ସଙ୍ଗୀତ ପରିବେଷଣ କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ନୃତ୍ୟ କଳାକାର ସୁଦାମ ବରାଡଙ୍କ ନେତୃତ୍ୱରେ ଶିବ ପ୍ରଧାନ, କିଶୋର ଦାସ, ସତ୍ୟ ଆପଟ, ମନୋଜ ପାଣି ଓ ଅନ୍ୟାନ୍ୟ କଳାକାରମାନେ ଲାଞ୍ଜିଆ ସଉରା ନୃତ୍ୟ ପରିବେଷଣ କରିଥିବା ବେଳେ ହରିହର ପଟନାୟକ, ଜ୍ଞାନ ରଞ୍ଜନ ଦାସ, ପ୍ରତ୍ୟୁଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିସେରାମା ଖ୍ରୀଷ୍ଟ ମଣ୍ଡଳୀର ସୁବର୍ଣ୍ଣ ଜୟନ୍ତୀ

**ରାଇକିଆ,୨।୪(ଡି.ଏନ.ଏ)**

ରାଇକିଆ ସ୍ଥିତ ପିସେରାମା ଖ୍ରୀଷ୍ଟ ମଣ୍ଡଳୀର ୫୦ ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଓ ସୁସମାଚାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଛତିଶଗଡ଼ରୁ ପାଳକ ପାରେଲ ସିଂ, ସମ୍ମାନୀତ ଅତିଥି ଭାବେ ମେଘାଳୟରୁ ଆସିଥିବା ପାଳକ ବରନୋଲ୍ଡ ଓ ହେମିଏଟ କେ ରାଜି ଯୋଗ ଦେଇ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରିଥିଲେ। ଫାୟର ପ୍ରେଇ ସିଂ ମ୍ୟୁଜିକଲ ଗ୍ରୁପ ସହ ପ୍ରସିଦ୍ଧ କଣ୍ଠ ଶିଳ୍ପୀ ଜଗମୋହନ ନାଗଙ୍କ ସଙ୍ଗୀତ ପରିବେଷଣ ସମସ୍ତଙ୍କୁ ଆକର୍ଷିତ କରିଥିଲା। ମଣ୍ଡଳୀ ସମ୍ପାଦକ ମେନେଶର ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ମଣ୍ଡଳୀର ୫୦ ବର୍ଷର ସ୍ୱର୍ଣୀମ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ସୁସମାଚାର ପ୍ରଚାର ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଖ୍ରୀଷ୍ଟ ଧର୍ମାଲମ୍ବୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବହୁଦିନ ପରେ ରାସ୍ତା ମରାମତି


ରାସ୍ତା ମରାମତି ଚାଲିଛି।

**ଗଞ୍ଜାମ,୨।୪(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତର ମଲାଡ଼ ଗ୍ରାମରେ ବସୁଧା ଯୋଜନାରେ ପାଇପ ପକାଇବା ନିମନ୍ତେ ରାସ୍ତା ଖୋଳା ଯାଇଥିଲା। ଦୀର୍ଘ ଦିନ ଧରି ଉକ୍ତ ଖାଲଢ଼ିପ ରାସ୍ତାରେ ଲୋକମାନେ ଅସୁବିଧାରେ ଯାତାୟାତ କରୁଥିଲେ। ଏନେଇ ମହିଳା ସରପଞ୍ଚ ମମତା ବେହେରା ବିଡ଼ିଓ ଜସ୍ମିନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉକ୍ତ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଶନିବାର ସରପଞ୍ଚ ବେହେରା ଏବଂ ପ୍ରତିନିଧି ସୁଦାମ ବେହେରା ପ୍ରମୁଖ ମରାମତି କାର୍ଯ୍ୟ ଅନୁଧ୍ୟାନ କରିଥିଲେ।

# ବେଆଇନ ବାଇକ ଚାଳନା, ଧରାପଡ଼ିଲେଣି ୧୯ ନାବାଳକ

**ଛତ୍ରପୁର,୨।୪(ଡି.ଏନ୍.ଏ)**

ରାଜ୍ୟ ସରକାରଙ୍କ ପରିବହନ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଗଞ୍ଜାମ ଓ ଭଞ୍ଜନଗର ଆରଟିଓଙ୍କ ପକ୍ଷରୁ ନାବାଳକ ବେଆଇନ ଭାବେ ବାଇକ ଚଳାଇବା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ଏନେଇ ଗଞ୍ଜାମ ଓ ଭଞ୍ଜନଗର ଆରଟିଓ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ୧୯ ନାବାଳକଙ୍କୁ ଧରାଯାଇଛି। ଗଞ୍ଜାମ ଆରଟିଓ ପକ୍ଷରୁ ୧୭ ଜଣ ଓ ଭଞ୍ଜନଗର ପରିବହନ ବିଭାଗ ଗୋଟିଏ ଟିମ କରି ୨ ଜଣକୁ ଧରିଥିବା ଆରଟିଓ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକଙ୍କୁ ୨୫ ହଜାର ଲେଖାଏଁ ଜରିମାନା ପକାଯାଇଛି। ସେମାନଙ୍କ ପିତା ମାତାଙ୍କୁ ଡକାଯାଇ କାଉନସିଲିଂ କରାଯିବ ବୋଲି ସୂଚନା ଦିଆଯାଇଛି। ଦୁଇ ଦିନ ଧରି ସ୍କୁଲ ବନ୍ଦ ଥିବାରୁ ଯାଞ୍ଚ କାର୍ଯ୍ୟ ବନ୍ଦ ରହିଛି।

# ଜିଲାସ୍ତରୀୟ ଦକ୍ଷତା ସହଯୋଗ କର୍ମଶାଳା

**ଛତ୍ରପୁର,୨।୪(ଡି.ଏନ.ଏ )**

ଛତ୍ରପୁର ସ୍ଥିତ ଡିଆରଡିଏ କାର୍ଯ୍ୟାଳୟର ଜଉଗଡ଼ ସମ୍ମିଳନୀ କକ୍ଷଠାରେ ରବିବାର ଓକେସିଏଲର ଗଞ୍ଜାମ ଓ ଗଜପତି ଜିଲାସ୍ତରୀୟ ଦକ୍ଷତା ସହଯୋଗ କର୍ମଶାଳା ଆୟୋଜିତ ହୋଇଯାଇଛି। ଓକେସିଏଲର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ. ରେଖା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସଚ୍ଚିଦାନନ୍ଦ ନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଗଞ୍ଜାମ ଓ ଗଜପତି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ଶିକ୍ଷା ପ୍ରଦାନ କରାଇବାକୁ ଅଗ୍ରାଧିକାର ଦେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଳ ଡିଜିଟାଲ ଓଡ଼ିଶା ଗଠନ ପାଇଁ ପ୍ରଚଳିତ ବିଭିନ୍ନ ପାଠ୍ୟକ୍ରମ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓକେସିଏଲ ମୁଖ୍ୟ ଶ୍ରୀକାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓକେସିଏଲର ପ୍ରବନ୍ଧକ ଶୁଶାନ୍ତ ଜେ ଦାସ ଓ ଦେବାଶିଷ ସାହୁ ପରିଚାଳନା କରିଥିଲେ। ଗଞ୍ଜାମ ଜିଲାର ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୦ କେନ୍ଦ୍ରକୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କେନ୍ଦ୍ରକୁ ସମ୍ବର୍ଦ୍ଧିତ କରାଯାଉଛି।

# ଅବଧି ସରିଲାଣି, ସରୁନି ନିର୍ମାଣ କାର୍ଯ୍ୟ

**ପୋଲସରା,୨।୪(ଡି.ଏନ.ଏ.)**


ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ।

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦର ବ୍ୟବସାୟୀମାନଙ୍କ ସୁବିଧା ଲାଗି ୩୧୬.୦୦ଲକ୍ଷରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ଭୂମି ପୂଜନ କରିବା ସହ ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ଟେଣ୍ଡର ପେପରରେ ନିର୍ମାଣ କାର୍ଯ୍ୟର ସମୟସୀମା ଅବଧି ଏକ ବର୍ଷ ରହିଛି, ଯାହାକି ସୂଚନା ଫଳକରେ ଉଲ୍ଲେଖ ରହିଛି। କାର୍ଯ୍ୟାରମ୍ଭ ତାରିଖ ୩୦।୪।୨୦୨୧ ରହିଛି ଏବଂ କାର୍ଯ୍ୟ ସମୟସୀମା ୧୨ମାସ ରହିଛି। ଅର୍ଥାତ୍ ୩୦।୪।୨୦୨୨ରେ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ସରୁନାହିଁ। ନିର୍ଦ୍ଧାରିତ ସମୟସୀମା ଅବଧିଠାରୁ ୧୧ମାସ ବିତିଲାଣି କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ସମ୍ପାଦନ ହୋଇପାରୁନାହିଁ। ଏହିଭଳି କାର୍ଯ୍ୟ ଦେଖିବାକୁ ମିଳିଛି ପୋଲସରା ସହରରେ। ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ଅବହେଳା ସାଙ୍ଗକୁ ରବରଷ୍ଟାମ୍ପ ସାଜିଥିବା ନଗରପାଳିକାଙ୍କ ଦାୟିତ୍ୱହୀନତା ଯୋଗୁ ଏହା ବିଳମ୍ବର ମୁଖ୍ୟ କାରଣ। ବ୍ୟବସାୟୀ ହରି ଖଟେଇ କୁହନ୍ତି, ସେହି ସ୍ଥାନରେ ଏନ୍‌ଏସି ଦୋକାନ ଗୃହ ଦେଇଥିଲା। ଆମେ ଦୋକାନ କରି ଚଳିଆସୁଥିଲୁ। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ଆମକୁ ଉଠାଇଲେ, ଅନ୍ୟତ୍ର ସ୍ଥାନାନ୍ତର ହୋଇ ଦୁଃଖ କଷ୍ଟରେ ଦୋକାନ ଚଳାଉଛୁ। ଠିକାଦାର ଓ ଏନ୍‌ଏସି ପ୍ରଶାସନର ମଧୁଚନ୍ଦ୍ରିକା ଯୋଗୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟୁଛି। ତୁରନ୍ତ ଏହି ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ସମ୍ପାଦନ କରି ବ୍ୟବସାୟୀମାନଙ୍କୁ ତୁରନ୍ତ ଥଇଥାନ କରନ୍ତୁ ବୋଲି କହିଥିଲେ। ପୋଲସରା ସହର ହେଉଛି ଏହି ଅଞ୍ଚଳର ବ୍ୟବସାୟିକ ପେଣ୍ଠସ୍ଥଳୀ। ଏହି ବଜାର ଉପରେ ୨୬ ପଞ୍ଚାୟତର ପ୍ରାୟ ୧୩୬ ଗୋଟି ଗ୍ରାମର ଲକ୍ଷାଧିକ ଜନସାଧାରଣ ନିର୍ଭର କରୁଛନ୍ତି। ଅନ୍ୟପକ୍ଷରେ ଏନ୍‌ଏସିର ଯନ୍ତ୍ରୀ ଚିତ୍ରସେନ ରେଡ୍ଡି କୁହନ୍ତି, ବିଦ୍ୟୁତ ଟ୍ରାନ୍ସଫର୍ମର ଯୋଗୁ କିଛି ସମୟ ବିଳମ୍ବ ଘଟିଛି। ଠିକ ସମୟରେ ନିର୍ମାଣ କାର୍ଯ୍ୟ ନ ସରିଲେ ଫାଇନ କରାଯିବ ବୋଲି କହିଥିଲେ। ପ୍ରଶାସନ ଯଦି ଏହି ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପାଦନ ଦିଗରେ ଦୃଷ୍ଟି ନ ଦିଏ ତା'ହେଲେ ଆଗାମୀ ଦିନରେ ପ୍ରଶାସନକୁ ଉଚିତ ଜବାବ ଦିଆଯିବ ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି।

### ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ

